# କେଉଁଠି କାହାକୁ କେତେ ଭୋଟ୍

## ଲୋକସଭା ଆସନ | ବିଧାନସଭା ଆସନ

### ବ୍ରହ୍ମପୁର

ବିଜେତା: ପ୍ରଦୀପ ପାଣିଗ୍ରାହୀ — ଭୋଟ୍: ୫୧୦୫୮୫

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ଭୃଗୁ ବକ୍ସିପାତ୍ର — ଭୋଟ୍: ୩୬୬୭୮୦

ମୋଟ୍ ଭୋଟର ୧୫୬୭୬୨୫

(ଅଘୋଷିତ)

ଲୋକସଭା ଆସନ: ବ୍ରହ୍ମପୁର — ବିଧାନସଭା ଆସନ: ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା, ପାରଳାଖେମୁଣ୍ଡି — ପ୍ରଥମ ପର୍ଯ୍ୟାୟ ମେ ୧୩

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ଛତ୍ରପୁର | କୃଷ୍ଣଚନ୍ଦ୍ର ନାଏକ | ୭୪୯୮୩ | ସୁବାସ ଚନ୍ଦ୍ର ବେହେରା | ୬୩୫୪୫ |
| ଗୋପାଳପୁର | ବିଭୂତିଭୂଷଣ ଜେନା | ୭୨୦୭୧ | ବିକ୍ରମ ପଣ୍ଡା | ୬୩୦୦୯ |
| ବ୍ରହ୍ମପୁର | କେ. ଅନୀଲ କୁମାର | ୫୪୯୯୭ | ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ | ୩୬୨୮୮ |
| ଦିଗପହଣ୍ଡି | ସିଦ୍ଧାନ୍ତ ମହାପାତ୍ର | ୬୨୯୦୮ | ବିପ୍ଳବ ପାତ୍ର | ୫୬୦୬୧ |
| ଚିକିଟି | ମନୋରଞ୍ଜନ ଦ୍ୟାନ ସାମନ୍ତରାୟ | ୬୩୮୩୯ | ଚିନ୍ମୟଆନନ୍ଦ ଶ୍ରୀରୂପଦେବ | ୬୩୩୧୭ |
| ମୋହନା | ଦାଶରଥି ଗମାଙ୍ଗ | ୬୨୧୧୭ | ପ୍ରଶାନ୍ତ କୁମାର ମଲ୍ଲିକ | ୫୮୦୫୮ |
| ପାରଳାଖେମୁଣ୍ଡି | ରୁପେଶ କୁମାର ପାଣିଗ୍ରାହୀ | ୫୬୦୨୭ | କୋଡୁରୁ ନାରାୟଣ ରାଓ | ୫୨୦୨୯ |

### କଳାହାଣ୍ଡି

ବିଜେତା: ମାଳବିକା ଦେବୀ — ଭୋଟ୍: ୫୪୪୩୦୩

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ଲମ୍ବୋଦର ନିଆଲ — ଭୋଟ୍: ୪୧୦୪୯୦

ମୋଟ୍ ଭୋଟର ୧୬୮୭୩୧୨

ଲୋକସଭା ଆସନ: କଳାହାଣ୍ଡି — ବିଧାନସଭା ଆସନ: ନୂଆପଡ଼ା, ଖଡ଼ିଆଳ, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲା — ପ୍ରଥମ ପର୍ଯ୍ୟାୟ ମେ ୧୩

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ନୂଆପଡ଼ା | ରାଜେନ୍ଦ୍ର ଢୋଲକିଆ | ୬୧୮୨୨ | ଘାସିରାମ ମାଝୀ | ୫୦୯୪୧ |
| ଖଡ଼ିଆଳ | ଅଧିରାଜ ମୋହନ ପାଣିଗ୍ରାହୀ | ୯୩୨୪୬ | ହିତେଶ କୁମାର ବଗର୍ତ୍ତି | ୮୩୬୨୮ |
| ଲାଞ୍ଜିଗଡ଼ | ପ୍ରଦୀପ କୁମାର ଦିଶାରୀ | ୬୦୨୫୪ | ବଳଭଦ୍ର ମାଝୀ | ୫୩୭୫୩ |
| ଜୁନାଗଡ଼ | ଦିବ୍ୟଶଙ୍କର ମିଶ୍ର | ୭୭୦୩୭ | ମନୋଜ କୁମାର ମେହେର | ୭୫୬୯୯ |
| ଧର୍ମଗଡ଼ | ସୁଧୀର ରଞ୍ଜନ ପାଟଯୋଶୀ | ୮୭୮୯୦ | ପୁଷ୍ପେନ୍ଦ୍ର ସିଂଦେଓ | ୬୮୯୬୩ |
| ଭବାନୀପାଟଣା | ସାଗର ଚରଣ ଦାସ | ୬୭୦୮୫ | ପ୍ରଦୀପ୍ତ କୁମାର ନାଏକ | ୫୩୩୪୪ |
| ନର୍ଲା | ମନୋରମା ମହାନ୍ତି | ୬୭୫୩୨ | ଭକ୍ତଚରଣ ଦାସ | ୬୨୩୨୭ |

### କୋରାପୁଟ

ବିଜେତା: ସପ୍ତଗିରି ଉଲାକା — ଭୋଟ୍: ୪୭୧୩୯୩

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: କୌଶଲ୍ୟା ହିକକା — ଭୋଟ୍: ୩୨୩୬୪୯

ମୋଟ୍ ଭୋଟର ୧୪୬୫୩୧୧

ଲୋକସଭା ଆସନ: କୋରାପୁଟ — ବିଧାନସଭା ଆସନ: ଗୁଣୁପୁର, ବିଷମ କଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ, ପଟାଙ୍ଗି — ପ୍ରଥମ ପର୍ଯ୍ୟାୟ ମେ ୧୩

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ଗୁଣୁପୁର | ସତ୍ୟଜିତ ଗମାଙ୍ଗୋ | ୭୭୬୩୭ | ରଘୁନାଥ ଗମାଙ୍ଗୋ | ୪୭୭୫୨ |
| ବିଷମକଟକ | ନୀଳମାଧବ ହିକକା | ୬୮୪୪୬ | ଜଗନ୍ନାଥ ସାରକା | ୫୯୦୪୩ |
| ରାୟଗଡ଼ା | କାଡ୍ରାକା ଆପାଲା ସ୍ୱାମୀ | ୮୭୪୮୨ | ଅନସୂୟା ମାଝୀ | ୫୮୨୯୬ |
| ଲକ୍ଷ୍ମୀପୁର | ପବିତ୍ର ସାଉଁତା | ୫୯୪୪୭ | ପ୍ରଭୁ ଜାନି | ୩୮୧୮୫ |
| ଜୟପୁର | ତାରାପ୍ରସାଦ ବାହିନୀପତି | ୬୯୫୯୨ | ଇନ୍ଦିରା ନନ୍ଦ | ୫୬୪୮୧ |
| କୋରାପୁଟ | ରଘୁରାମ ମାଛ | ୪୬୮୦୫ | ରଘୁରାମ ପଡାଲ | ୪୪୨୮୧ |
| ପଟାଙ୍ଗୀ | ରାମଚନ୍ଦ୍ର କଦମ | ୫୨୨୦୨ | ପ୍ରଫୁଲ୍ଲ କୁମାର ପାଙ୍ଗୀ | ୫୦୨୮୩ |

### ନବରଙ୍ଗପୁର

ବିଜେତା: ବଳଭଦ୍ର ମାଝୀ — ଭୋଟ୍: ୪୮୧୩୯୬

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ପ୍ରଦୀପ ମାଝୀ — ଭୋଟ୍: ୩୯୩୮୭୦

ମୋଟ୍ ଭୋଟର ୧୫୦୬୬୮୮

ଲୋକସଭା ଆସନ: ନବରଙ୍ଗପୁର — ବିଧାନସଭା ଆସନ: ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡା — ପ୍ରଥମ ପର୍ଯ୍ୟାୟ ମେ ୧୩

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ଉମରକୋଟ | ନିତ୍ୟାନନ୍ଦ ଗୋଣ୍ଡ | ୭୦୧୭୦ | ନବୀନା ନାୟକ | ୫୯୭୯୭ |
| ଝରିଗାଁ | ନରସିଂହ ଭତ୍ରା | ୭୬୭୪୮ | ରମେଶ ଚନ୍ଦ୍ର ମାଝୀ | ୭୩୪୭୦ |
| ନବରଙ୍ଗପୁର | ଗୌରୀଶଙ୍କର ମାଝୀ | ୯୦୮୯୫ | କୌଶଲ୍ୟା ପ୍ରଧାନୀ | ୬୫୮୦୧ |
| ଡାବୁଗାଁ | ମନୋହର ରନ୍ଧାରି | ୭୭୫୧୧ | ଲିପିକା ମାଝୀ | ୫୬୦୫୬ |
| କୋଟପାଡ଼ | ରୁପୁ ଭତ୍ରା | ୭୫୨୭୫ | ଚନ୍ଦ୍ରଶେଖର ମାଝୀ | ୪୯୦୧୧ |
| ମାଲକାନଗିରି | ନରସିଂହ ମାଡ଼କାମୀ | ୬୮୬୭୯ | ମାଲା ମାଡ଼ି | ୬୩୭୮୯ |
| ଚିତ୍ରକୋଣ୍ଡା | ମଙ୍ଗୁ ଖିଲ | ୫୫୫୫୦ | ଡମ୍ବୁରୁ ଶିଶା | ୪୬୩୯୧ |

### ବରଗଡ଼

ବିଜେତା: ପ୍ରଦୀପ ପୁରୋହିତ — ଭୋଟ୍: ୭୧୬୩୫୯

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ପରିଣିତା ମିଶ୍ର — ଭୋଟ୍: ୪୬୪୬୯୨

ମୋଟ୍ ଭୋଟର ୧୬୧୫୧୬୮

ଲୋକସଭା ଆସନ: ବରଗଡ଼ — ବିଧାନସଭା ଆସନ: ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲି, ବ୍ରଜରାଜନଗର, ଝାରସୁଗୁଡ଼ା — ଦ୍ୱିତୀୟ ପର୍ଯ୍ୟାୟ ମେ ୨୦

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ପଦ୍ମପୁର | ବର୍ଷା ସିଂ ବରିହା | ୯୧୧୯୫ | ଗୋବର୍ଦ୍ଧନ ଭୋଇ | ୮୧୦୦୨ |
| ବିଜେପୁର | ସନତ କୁମାର ଗଡ଼ତିଆ | ୯୩୧୬୧ | ରୀତା ସାହୁ | ୮୩୦୯୫ |
| ବରଗଡ଼ | ଅଶ୍ୱିନୀ କୁମାର ଷଡ଼ଙ୍ଗୀ | ୭୭୭୬୬ | ଦେବେଶ ଆଚାର୍ଯ୍ୟ | ୭୨୯୯୪ |
| ଅତାବିରା | ନିହାର ରଞ୍ଜନ ମହାନନ୍ଦ | ୯୯୪୮୭ | ସ୍ନେହାଙ୍ଗିନୀ ଛୁରିଆ | ୭୦୫୭୭ |
| ଭଟଲି | ଇରାଶିଷ ଆଚାର୍ଯ୍ୟ | ୧୦୭୫୦୮ | ସୁଶାନ୍ତ ସିଂଦେଓ | ୭୯୬୧୬ |
| ବ୍ରଜରାଜନଗର | ସୁରେଶ ପୂଜାରୀ | ୮୨୧୯୯ | ଅଲକା ମହାନ୍ତି | ୫୫୪୧୦ |
| ଝାରସୁଗୁଡ଼ା | ଟଙ୍କଧର ତ୍ରିପାଠୀ | ୯୧୧୦୫ | ଦୀପାଳି ଦାସ | ୮୯୭୭୨ |

### ସୁନ୍ଦରଗଡ଼

ବିଜେତା: ଜୁଏଲ ଓରାମ — ଭୋଟ୍: ୪୯୪୨୮୨

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ଦିଲୀପ ତିର୍କୀ — ଭୋଟ୍: ୩୫୫୪୭୪

ମୋଟ୍ ଭୋଟର ୧୫୫୫୪୯୭

ଲୋକସଭା ଆସନ: ସୁନ୍ଦରଗଡ଼ — ବିଧାନସଭା ଆସନ: ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁର, ବଣାଇ — ଦ୍ୱିତୀୟ ପର୍ଯ୍ୟାୟ ମେ ୨୦

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ତଳସରା | ଭବାନୀ ଶଙ୍କର ଭୋଇ | ୬୮୯୨୮ | ବିନୟ କୁମାର ଟପ୍ପୋ | ୫୧୬୩୯ |
| ସୁନ୍ଦରଗଡ଼ | ଯୋଗେଶ କୁମାର ସିଂ | ୮୬୩୯୮ | କୁସୁମ ଟେଟେ | ୭୭୨୭୬ |
| ବୀରମିତ୍ରପୁର | ରୋହିତ ଯେଶେଫ ତିର୍କୀ | ୮୪୧୧୬ | ଶଙ୍କର ଓରାମ | ୭୭୨୩୨ |
| ରଘୁନାଥପାଲି | ଦୁର୍ଗାଚରଣ ତନ୍ତୀ | ୫୧୧୮୯ | ଅର୍ଚ୍ଚନାରେଖା ବେହେରା | ୪୫୪୧୫ |
| ରାଉରକେଲା | ଶାରଦା ପ୍ରସାଦ ନାୟକ | ୬୪୬୬୦ | ଦିଲୀପ କୁମାର ରାୟ | ୬୧୧୦୮ |
| ରାଜଗାଙ୍ଗପୁର | ସି.ଏସ୍ ରାଜନ ଏକ୍କା | ୬୬୮୬୯ | ଅନୀଲ ବରୱା | ୫୬୬୮୫ |
| ବଣାଇଁ | ଲକ୍ଷ୍ମଣ ମୁଣ୍ଡା | ୮୧୦୦୮ | ଭୀମସେନ ଚୌଧୁରୀ | ୫୭୫୬୯ |

### ଆସ୍କା

ବିଜେତା: ଅନୀତା ଶୁଭଦର୍ଶିନୀ — ଭୋଟ୍: ୪୯୩୦୩୨

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ରଞ୍ଜିତା ସାହୁ — ଭୋଟ୍: ୩୯୩୭୫୯

ମୋଟ୍ ଭୋଟର ୧୬୦୧୫୮୨

(ଅଘୋଷିତ)

ଲୋକସଭା ଆସନ: ଆସିକା — ବିଧାନସଭା ଆସନ: ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି, ହିଞ୍ଜିଳି — ଦ୍ୱିତୀୟ ପର୍ଯ୍ୟାୟ ମେ ୨୦

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ପୋଲସରା | ଗୋକୁଳାନନ୍ଦ ମଲ୍ଲିକ | ୮୫୬୩୭ | ଶ୍ରୀକାନ୍ତ ସାହୁ | ୬୪୭୯୧ |
| କବିସୂର୍ଯ୍ୟନଗର | ପ୍ରତାପ ଚନ୍ଦ୍ର ନାୟକ | ୮୦୯୯୫ | ଲତିକା ପ୍ରଧାନ | ୫୦୮୨୨ |
| ଖଲ୍ଲିକୋଟ | ପୂର୍ଣ୍ଣଚନ୍ଦ୍ର ସେଠୀ | ୮୦୨୩୦ | ସୂର୍ଯ୍ୟମଣି ବୈଦ | ୫୬୭୬୩ |
| ଆସିକା | ସରୋଜ କୁମାର ପାଢ଼ୀ | ୫୯୦୮୩ | ମଞ୍ଜୁଳା ସ୍ୱାଇଁ | ୫୧୦୨୪ |
| ସୋରଡ଼ା | ନୀଳମଣି ବିଷୋୟୀ | ୮୩୬୨୫ | ସଂଘମିତ୍ରା ସ୍ୱାଇଁ | ୫୫୪୦୧ |
| ସାନଖେମୁଣ୍ଡି | ରମେଶ ଚନ୍ଦ୍ର ଜେନା | ୬୫୮୬୬ | ସୁଲକ୍ଷଣା ଗୀତାଞ୍ଜଳି ଦେବୀ | ୫୫୨୦୫ |
| ହିଞ୍ଜିଳି | ନବୀନ ପଟ୍ଟନାୟକ | ୬୬୪୫୯ | ଶିଶିର କୁମାର ମିଶ୍ର | ୬୧୮୨୩ |

(ବି.ଦ୍ର: ପ୍ରାଥମିକ ସୂତ୍ରରୁ ମିଳିଥିବା ତଥ୍ୟ ଆଧାରିତ ରିପୋର୍ଟ । ନିର୍ବାଚନ କମିସନଙ୍କ ଦ୍ୱାରା ଫଳାଫଳ ଘୋଷଣା ପରେ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇବ ।)

## ଆଠଗଡ଼ରେ ବିଜେଡି ରଣନୀତି ସଫଳ

# ରଣେନ୍ଦ୍ର ପୁଣି ବିଜୟୀ, ଏଥର ହେବେ ୮ ଥର ବିଧାୟକ



### ଆତସବାଜୀରେ କମ୍ପିଲା ଆଠଗଡ଼-ତିଗିରିଆ

### ଆସ୍ଥା ପାଇଁ ଆଠଗଡ଼-ତିଗିରିଆବାସୀଙ୍କୁ କୃତଜ୍ଞତା

### ନୋଟା ଠାରୁ କମ୍ ଭୋଟ ପାଇଛନ୍ତି ୯ ପ୍ରାର୍ଥୀ

ତିଗିରିଆ, ୪।୬ (ସମିସ)

ଚଳିତ ସାଧାରଣ ନିର୍ବାଚନରେ ବିରୋଧୀ ବିଜେପି ଦଳର ସମସ୍ତ ରଣକୌଶଳକୁ ପଛରେ ପକାଇ ଆଠଗଡ଼ ନିର୍ବାଚନମଣ୍ଡଳୀର ଅପ୍ରତିଦ୍ୱନ୍ଦ୍ୱୀ ବିଜେଡି ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କ ନିକଟତମ ବିଜେପି ପ୍ରାର୍ଥୀ ଅଭୟ କୁମାର ବାରିକଙ୍କୁ ୩୫୮୪ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି କ୍ରମାଗତ ଭାବେ ୮ମ ଥର ପାଇଁ ଆଠଗଡ଼ ନିର୍ବାଚନମଣ୍ଡଳୀର ବିଧାୟକ ରୂପେ ନିର୍ବାଚିତ ହୋଇଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୋଟ ୮୬୦୦୬ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିବା ବେଳେ ବିଜେପି ପ୍ରାର୍ଥୀ ଅଭୟ କୁମାର ବାରିକ ମୋଟ ୮୨୪୨୨ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ସାହୁ ମୋଟ ୨୪୦୫ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ଏହି ନିର୍ବାଚନରେ ବହୁଜନ ସମାଜ ପାର୍ଟୀ ପ୍ରାର୍ଥୀ ଗଣେଶ୍ୱର ସାହୁ ୪୮୫ ଖଣ୍ଡ, ଆପ୍ ପ୍ରାର୍ଥୀ ଦେବୀ ପ୍ରସାଦ ମହାପାତ୍ର ୩୫୨ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ହରିହର ସାହୁ ୩୨୨, ରାଜେନ୍ଦ୍ର କୁମାର ମହାନ୍ତି ୨୯୮, ବିଜୟ କୁମାର ପରିଡ଼ା ୨୪୬, ନ୍ୟାସନାଲ ଅପ୍‌ନି ପାର୍ଟୀ ପ୍ରାର୍ଥୀ ସନ୍ତୋଷ କୁମାର କର ୨୦୪, ସୁପ୍ରୀମ ଜିରୋ ପାର୍ଟୀ ଅଫ ଭାରତ ପ୍ରାର୍ଥୀ ପ୍ରଚେତ ପରମାଣିକ ୧୫୫, ସମୃଦ୍ଧ ଓଡ଼ିଶା ପାର୍ଟୀ ପ୍ରାର୍ଥୀ ଦିବ୍ୟସିଂହ ମିଶ୍ର ୧୨୫, କଳିଙ୍ଗ ନ୍ୟାସନାଲ ଫ୍ରଣ୍ଟ ପ୍ରାର୍ଥୀ ଗଗନ ବିହାରୀ ରାଉତଙ୍କୁ ୧୨୧ ଖଣ୍ଡ ଭୋଟ ମିଳିଥିବା ବେଳେ ୭୪୦ ଖଣ୍ଡ ଭୋଟ ନୋଟା'କୁ ଯାଇଛି। ଏପରିକି ଆଠଗଡ଼ ବିଧାନସଭା କ୍ଷେତ୍ରରୁ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୯ ଜଣ ପ୍ରାର୍ଥୀ ନୋଟା'ଠାରୁ କମ୍ ଭୋଟ ପାଇଥିବାର ସୂଚନା ମିଳିଛି।

୧୯ଟି ପର୍ଯ୍ୟାୟରେ ଆଠଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଠଗଡ଼ ଏନଏସି ଅଧିନ ୧୮ ଟି ୱାର୍ଡ, ଆଠଗଡ଼ ବ୍ଲକ ଅନ୍ତର୍ଗତ ୫୪ଟି ପଞ୍ଚାୟତ, ତିଗିରିଆ ବ୍ଲକର ୧୪ ପଞ୍ଚାୟତ ସହ ଟାଙ୍ଗି-ଚୌଦ୍ୱାର ବ୍ଲକର ୬ଟି ପଞ୍ଚାୟତରୁ ଚଳିତ ସାଧାରଣ ନିର୍ବାଚନରେ ମତଦାନ କରିଥିବା ୧୭୩୨୪୭ ଓ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେଇଥିବା ମୋଟ ୬୩୪ଟି ଭୋଟର ଗଣତି ଆରମ୍ଭ ହୋଇଥିଲା। ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ୧୯ଟି ପର୍ଯ୍ୟାୟରେ ଭୋଟ ଗଣତି ପରେ ଏଥିରେ ସମ୍ମାନଜନକ ଆଠଗଡ଼ ନିର୍ବାଚନମଣ୍ଡଳୀରୁ ବିଜେଡି ଦଳ ସମର୍ଥିତ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୋଟ ୮୬୦୦୬ ଖଣ୍ଡ ଭୋଟ ପାଇ ଏହି ଆସନରୁ ଭାରତୀୟ ଜନତା ପାର୍ଟୀ ପ୍ରାର୍ଥୀ ଅଭୟ କୁମାର ବାରିକଙ୍କୁ ମୋଟ ୩୫୮୪ ଖଣ୍ଡ ବ୍ୟବଧାନରେ ପରାସ୍ତ କରି ବିଜୟ ଲାଭ କରିଥିଲେ। ରଣେନ୍ଦ୍ର ପ୍ରତାପଙ୍କ ବିଜୟ ଖବର ସାଧାରଣରେ ପ୍ରକାଶିତ ହେବା ପରେ ଆଠଗଡ଼ ନିର୍ବାଚନମଣ୍ଡଳୀର ହଜାର ହଜାର କର୍ମୀ ଉଭୟ ଆଠଗଡ଼, ତିଗିରିଆ ଓ ଟାଙ୍ଗି-ଚୌଦ୍ୱାର ଅଞ୍ଚଳର ଛକ ବଜାରରେ ବାଣ ଫୁଟାଇ ଖୁସି ମନାଉଥିବାର ଦେଖିବାକୁ ମିଳିଛି। ସେହିପରି ଏ ସଂକ୍ରାନ୍ତରେ ବିଧାୟକ ଶ୍ରୀ ସ୍ୱାଇଁ ନିଜ ଅଭିନନ୍ଦନ ବାର୍ତ୍ତାରେ କହିଛନ୍ତି, 'ଆଠଗଡ଼ ଓ ତିଗିରିଆର ସମସ୍ତ ଜନସାଧାରଣ ମୋ ଉପରେ ନିଜର ବିଶ୍ୱାସ, ସ୍ନେହ, ଭଲପାଇବା ଓ ଭରସା ପୁନର୍ବାର ଦେଖାଇଥିବାରୁ ଆଠଗଡ଼ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି। ଆଜିର ବିଜୟ କେବଳ ଆପଣମାନଙ୍କର। ମୁଁ ନିମିତ୍ତ ମାତ୍ର' ବୋଲି ପ୍ରକାଶ କରିବା ସହିତ 'ସବୁଦିନ ପରି ମୁଁ ସଦାସର୍ବଦା ଆପଣମାନଙ୍କ ସହ ରହିଛି ଓ ରହିବି' ବୋଲି ମତବ୍ୟକ୍ତ କରିଛନ୍ତି। ଏହାସହ ନବନିର୍ବାଚିତ ବିଧାୟକ ତାଙ୍କ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟ ନିଜ ଶୁଭେଚ୍ଛା ଜଣାଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ଗତ ୧୯୯୦ ମସିହା ପର୍ଯ୍ୟନ୍ତ କଂଗେ୍ରସ ଗଡ଼ କୁହାଯାଉଥିବା ସମ୍ମାନଜନକ ଆଠଗଡ଼ ନିର୍ବାଚନମଣ୍ଡଳୀରୁ ପ୍ରଥମ ଥର ପାଇଁ ଜନତା ଦଳରୁ ନିର୍ବାଚିତ ହୋଇ କ୍ରମାଗତ ଭାବେ ୭ଥର ବିଜୟ ଲାଭ କରିଥିଲେ। ଗତ ୨୦୧୯ ସାଧାରଣ ନିର୍ବାଚନରେ ଏହି ଆସନରୁ ବିଜୁ ଜନତା ଦଳରୁ ବିଧାୟକ ପ୍ରାର୍ଥୀ ହୋଇ ମୋଟ ୯୮୧୧୪ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିବା ବେଳେ ବିଜେପି ପ୍ରାର୍ଥୀ ବ୍ରଜେନ୍ଦ୍ର ରାୟ ୪୦୧୧୯ ଖଣ୍ଡ, କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ୧୦୯୩୪ ଖଣ୍ଡ ଓ ସ୍ୱାଧୀନ ପ୍ରାର୍ଥୀ ରୂପେ ବର୍ତ୍ତମାନର ବିଜେପି ପ୍ରାର୍ଥୀ ୧୦୩୦୧ ଖଣ୍ଡ ଭୋଟ ପାଇ ସନ୍ତୁଷ୍ଟ ହୋଇଥିଲେ।

## ମାହାଙ୍ଗାରେ ଜିତିଲେ ସ୍ୱାଧୀନ ପ୍ରାର୍ଥୀ ଶାରଦା



ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୪।୬(ସମିସ)

ମାହାଙ୍ଗା ବିଧାନସଭା କ୍ଷେତ୍ରରେ ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରଧାନ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୁତ୍ର ଅଙ୍କିତ ପ୍ରତାପ ଜେନାଙ୍କୁ ୭୫୬୪ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟ ଲାଭ କରିଛନ୍ତି। ଏହି ଅବସରରେ ତାଙ୍କ ସମର୍ଥକମାନେ ମାହାଙ୍ଗାରେ ବିଜୟର ଉତ୍ସବ ପାଳନ କରିଛନ୍ତି। ବିଶେଷ କରି ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୨୭ଟି ପଞ୍ଚାୟତରେ ବିଭିନ୍ନ ମନ୍ଦିର, ଛକ ବଜାରରେ ବାଣ ଫୁଟାଇ ଶାରଦା ପ୍ରଧାନଙ୍କୁ ସ୍ୱାଗତ କରିଛନ୍ତି। ଶାରଦାଙ୍କ ବିଜୟ ପାଇଁ ତାଙ୍କୁ ବିଭିନ୍ନ ମହଲରେ ସ୍ୱାଗତ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ମାହାଙ୍ଗାର ସ୍ୱାଭିମାନ ରକ୍ଷା ପାଇଁ ମାହାଙ୍ଗାବାସୀ ଯେଉଁ ନିଷ୍ପତ୍ତି ନେଇଛନ୍ତି ସେଥିପାଇଁ ଶ୍ରୀ ପ୍ରଧାନ ସମସ୍ତଙ୍କ ନିକଟରେ କୃତଜ୍ଞ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପଟେ, ବିଭିନ୍ନ ପଞ୍ଚାୟତରେ ଶ୍ରୀ ପ୍ରଧାନଙ୍କ ପାଇଁ ବିଜୟ ଉତ୍ସବ ପାଳନ କରାଯାଇଛି।



ଆଠଗଡ଼ ନିର୍ବାଚନମଣ୍ଡଳୀରେ ବିଧାୟକ ଭାବେ ବିଜୟ ହେବା ପରେ ଆଠଗଡ଼ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ନିକଟରୁ ବିଜୟ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ।



## ବିଜେଡିର ପ୍ରଶାନ୍ତ ବେହେରା ଦ୍ୱିତୀୟ ଥର ପାଇଁ ବିଧାୟକ ନିର୍ବାଚିତ

ସାଲେପୁର/ଟାଙ୍ଗୀ, ୪।୬(ସମିସ)

ବହୁ ପ୍ରତୀକ୍ଷିତ ସାଧାରଣ ନିର୍ବାଚନ ଫଳାଫଳ ଆଜି ପ୍ରକାଶ ପାଇଛି। ନିର୍ବାଚନକୁ ନେଇ ସାଲେପୁର ଅଞ୍ଚଳବାସୀଙ୍କ ମଧ୍ୟରେ ଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଲୋକମାନଙ୍କ ମଧ୍ୟରେ ହେଉଥିବା ବିଜେଡି ଓ କଂଗ୍ରେସ ମଧ୍ୟରେ ଟକ୍କର ହେବା ଚର୍ଚ୍ଚା ଭୁଲ୍ ପ୍ରମାଣିତ ହୋଇଛି। ମୁଖ୍ୟତଃ ସାଲେପୁର ନିର୍ବାଚନମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ହୋଇଥିବାବେଳେ ଦ୍ୱିତୀୟଥର ପାଇଁ ସାଲେପୁର ବିଧାୟକ ଭାବେ ପ୍ରଶାନ୍ତ ବେହେରା ନିର୍ବାଚିତ ହୋଇଛନ୍ତି। ସେ ବିଜେପି ପ୍ରାର୍ଥୀ ଅରିନ୍ଦମ୍ ରାୟଙ୍କଠାରୁ ଅଧିକ ୭ ହଜାର ୫୯୪ ଭୋଟ ପାଇ ବିଜୟୀ ହୋଇଛନ୍ତି। ପ୍ରଶାନ୍ତ ବେହେରାଙ୍କ ବିଜୟ ନେଇ କର୍ମୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇବା ସହ ଶ୍ରୀ ବେହେରାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ସେହିପରି ସାଲେପୁର ନିର୍ବାଚନମଣ୍ଡଳୀରେ ୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବିଧାୟକ ପ୍ରଶାନ୍ତ ବେହେରା ୮୭ହଜାର ୭୦୧ ଭୋଟ ପାଇ ବିଜୟୀ ହୋଇଛନ୍ତି। ବିଜେପି ପ୍ରାର୍ଥୀ ଅରିନ୍ଦମ ରାୟ ୮୦ହଜାର ୧୦୭ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଇଂ ଆକ୍ୟୁବ୍ ଖାଁ ୧୯ହଜାର ୯୩୦ଭୋଟ ପାଇ ତୃତୀୟ

### ବିଜୟ ପାଇଁ ଖୁସି ମନାଇଲେ ଟାଙ୍ଗୀବାସୀ

ସ୍ଥାନରେ ରହିଥିବାବେଳେ ତାଙ୍କ ପଛକୁ ସି.ପି. ଆଇ (ଏମ୍.) ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର ୧ହଜାର ୭୫୧ ଭୋଟ ପାଇଥିବାବେଳେ ଅନ୍ୟ ୫ଜଣ ପ୍ରାର୍ଥୀ ବହୁଜନସମାଜ ପାର୍ଟିର ଯଶୋବନ୍ତ ଜେନା ୨୧୭ଖଣ୍ଡ, ସମାଜବାଦୀ ପାର୍ଟିର ଅମରେଶ ପାତ୍ର ୧୩୦ଖଣ୍ଡ, କୃପା ପାର୍ଟିର ମଧୁସୂଦନ ସାହୁ ୧୬୩ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ବିଶେଶ୍ୱର ସ୍ୱାଇଁ ୪୫୬, ସ୍ୱାଧୀନ ପ୍ରାର୍ଥୀ ଶୁଭେଶ ରଞ୍ଜନ ପରିଡ଼ା ୩୧୬ଖଣ୍ଡ ଭୋଟ ପାଇଥିବା ଜଣାଯାଇଛି। ନୋଟାରେ ୯୨୬ଖଣ୍ଡ ଭୋଟ ପଡ଼ିଥିବା ଜଣାଯାଇଛି। ୫ଜଣ ପ୍ରାର୍ଥୀ ନୋଟାଠାରୁ ମଧ୍ୟ କମ୍ ଭୋଟ ପାଇଥିବା ଜଣାଯାଇଛି।

ପ୍ରକାଶ ଥାଉ କି, ସାଲେପୁର ନିର୍ବାଚନମଣ୍ଡଳୀର ରାଜନୀତିରେ ଧୁରନ୍ଧର ତଥା ଟାଙ୍ଗୀ ସାଲେପୁର ହୃଦୟରେ ଥିବା ପ୍ରଶାନ୍ତ ବେହେରା ଦ୍ୱିତୀୟ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ରାଜନୈତିକ ଜୀବନରେ ପ୍ରଶାନ୍ତ କେବେବେଳେ ପଛକୁ ରହିନାହାନ୍ତି। ଶ୍ରୀ ବେହେରା ଜିଲ୍ଲା ପରିଷଦ ସଦସ୍ୟ ସ୍ୱାଧୀନ ଭାବେ ଜିତି ଜିଲ୍ଲା ପରିଷଦ ଅଧ୍ୟକ୍ଷ, ପଞ୍ଚାୟତ ସମିତିସଭ୍ୟ ଜିତି ପଞ୍ଚାୟତ ସମିତି ଅଧ୍ୟକ୍ଷ, ଶେଷରେ ସାଲେପୁର ନିର୍ବାଚନମଣ୍ଡଳୀର ଦ୍ୱିତୀୟଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏସବୁର ଶ୍ରେୟ ଟାଙ୍ଗୀ ସାଲେପୁରବାସୀଙ୍କୁ ବିଧାୟକ ପ୍ରଶାନ୍ତ ଦେଇଥିବା ଜଣାପଡ଼ିଛି। ଏ ଅବସରରେ ଟାଙ୍ଗୀ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ବିଜେଡି ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ବାଙ୍କୀ ବିଧାୟକ ଭାବେ ନିର୍ବାଚିତ

ଡମପଡ଼ା ୪।୬ (ସମିସ)



ବାଙ୍କୀ ନିର୍ବାଚନମଣ୍ଡଳୀର ବିଧାନସଭା ଓ ଲୋକସଭା ନିମନ୍ତେ ହୋଇଥିବା ଭୋଟ ବାଙ୍କୀ କଲେଜଠାରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗଣତି କରାଯାଇଥିଲା। ବାଙ୍କୀ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଦେବୀପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଭୋଟ ଗଣତି କରାଯାଇଥିଲା। ସମୁଦାୟ ୧ଲକ୍ଷ ୬୬ହଜାର ୫୯୦ଜଣ ନିଜର ମତଦାନ କରିଥିଲେ। ସେଥିମଧ୍ୟରୁ ବିଜେଡି ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ସର୍ବାଧିକ ୬୮,୭୫୨ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ବିଜେପି ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ୫୧ହଜାର ୮୮୮ ଏବଂ କଂଗ୍ରେସ ପ୍ରାର୍ଥୀ ଡକ୍ଟର ଦେବାଶିଷ ପଟ୍ଟନାୟକ ୪୨ହଜାର ୫୫୪ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ସେହିପରି ଭାବରେ ଲୋକସଭା ପାଇଁ ବିଜେଡି ପ୍ରାର୍ଥୀ ଡକ୍ଟର ସଂତୃପ୍ତ ମିଶ୍ର ୬୮ହଜାର ୩୪୯, ବିଜେପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ୬୬ହଜାର ୦୫୧ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ର ୨୮ହଜାର ୮୦୧ଖଣ୍ଡ ଭୋଟ ପାଇଥିଲେ। ପ୍ରକାଶଚନ୍ଦ୍ର ସାହୁ ୪୭୨, ମମତା ଜେନା ୮୦୪, ମାଳବିକା ସାମଲ ୫୫୭, ସୁବାସଚନ୍ଦ୍ର ରାଉତ ୨୭୩, ହେମନ୍ତ ଦେବତା ୨୪୬ ଭୋଟ ପାଇଥିବା ବେଳେ ନୋଟାରେ ସମୁଦାୟ ୮୮୧ଖଣ୍ଡ ଭୋଟ ପଡ଼ିଥିଲା।

## ବଡ଼ମ୍ବା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ



ବଡମ୍ବା, ୪।୬(ସମିସ): ବଡମ୍ବା ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ଦଳବେହେରା ବିଜୟୀ ହୋଇଛନ୍ତି। ଗତ ୨୦୧୯ରେ ବିଜେପି ଦଳର ପ୍ରାର୍ଥୀ ଭାବେ ଶ୍ରୀ ଦଳବେହେରା ପାଇଥିଲେ ୭୨ ହଜାରରୁ ଅଧିକ ଭୋଟ। ହେଲେ, ସେତେବେଳେ ବିଜେଡି ପ୍ରାର୍ଥୀ ହୋଇଥିବା ଦେବୀପ୍ରସାଦ ମିଶ୍ରଙ୍କଠାରୁ ପରାସ୍ତ ହୋଇଥିଲେ। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଶ୍ରୀ ମିଶ୍ର ଗତ ନିର୍ବାଚନରେ ପ୍ରାୟ ୯୦ ହଜାର ଭୋଟ ପାଇ ଶ୍ରୀ ଦଳବେହେରାଙ୍କୁ ପରାସ୍ତ କରିଥିଲେ। ଚଳିତ ନିର୍ବାଚନରେ ବିଜେପି ଟିକେଟ ନଦେବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ଶ୍ରୀ ଦଳବେହେରା ବିଜୟ ଲାଭ କରିଛନ୍ତି। ବିଜେଡି ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର ୬୧୪୬୨, ବିଜେପିର ସମ୍ବିତ ତ୍ରିପାଠୀ ୩୦୧୬୭, କଂଗ୍ରେସ ଦଳର ସଞ୍ଜୟ ସାହୁ ୨୧୦୩, ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ଦଳବେହେରା ୮୫୦୧୫ ଖଣ୍ଡ ଭୋଟ ପାଇଛନ୍ତି।

## ବ୍ୟାରିକେଡ୍‌ରେ ପିଟି ହୋଇ ବାଇକ୍ ଚାଳକ ଗୁରୁତର



ସାଲେପୁର, ୪।୬(ସମିସ): ଗତକାଲି ବିଳମ୍ବିତ ରାତ୍ରିରେ ବ୍ୟାରିକେଡ୍‌ରେ ପିଟି ହୋଇ ଜଣେ ମୋଟର ସାଇକଲ୍ ଚାଳକ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତ୍ରିରେ ଏକ ମୋଟର ସାଇକଲ୍ ଚାଳକ ସାଲେପୁର-କୁଆଁପାଳ ରାସ୍ତାରେ ସାଲେପୁର ହାଟ ନିକଟରେ ରାସ୍ତା ଉପରେ ଥୁଆ ହୋଇଥିବା ବାରିକେଡ୍‌ରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ। ସାଲେପୁର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକ ଜଣକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସେଠାରେ ତା'ର ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି। ସମ୍ପୃକ୍ତ ଯୁବକ ଜଣକ ଅଚେତ୍ ଅବସ୍ଥାରେ ଥିବାରୁ ତା'ର କୌଣସି ପରିଚୟ ମିଳିନାହିଁ।

## ବିପୁଳ ମଦ ଜବତ, ଜଣେ ଗିରଫ



ସାଲେପୁର, ୪।୬(ସମିସ): ସାଲେପୁର ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ମାତ୍ରାରେ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଥିବାବେଳେ ଜଣକୁ ଗିରଫ କରାଯାଇଥିବା ଜଣାଯାଇଛି। ସାଲେପୁର ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ମାତନଗର ଗ୍ରାମର କାହ୍ନୁଚରଣ ବେହେରା ନିଜ ଘରେ ଓ ଫ୍ରିଜ୍‌ରେ ରଖି ୩୨୫ଲିଟର ବିଦେଶୀ ଓ ୧୫ଲିଟର ଦେଶୀ ମଦ ବିକ୍ରି କରୁଥିବାବେଳେ ସାଲେପୁର ପୁଲିସ ଚଢ଼ଉ କରି ଏହି ବିପୁଳ ପରିମାଣର ମଦ ଜବତ କରିବା ସହ କାହ୍ନୁଚରଣକୁ ଗିରଫ କରିଥିବା ସାଲେପୁର ଆଇଆଇସି ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ

ସାଲେପୁର, ୪।୬(ସମିସ): ମୃତ୍ୟୁ ଏମିତି ବି ଆସେ। ଘରେ ଗାଧୋଉଥିବାବେଳେ ବିଦ୍ୟୁତ୍ ତାର ଓହଳି ପଡ଼ିଥିବା ଦେଖି ଜନୈକ ବ୍ୟକ୍ତି ବିଦ୍ୟୁତ୍ ତାରକୁ ଟେକୁଥିବାବେଳେ ବିଦ୍ୟୁତ୍ ଆଘାତରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ଗ୍ରାମର ମୁରଲୀଧର ବାରିକ (୫୮) ସକାଳ ସମୟରେ ନିଜ ଟ୍ୟୁବ୍‌ୱେଲ ପାଖରେ ଗାଧୋଉଥିବାବେଳେ ସାମ୍‌ନାରେ ଏକ ବିଦ୍ୟୁତ୍ ତାର ଝୁଲୁଥିବାର ଦେଖିବାକୁ ପାଇଥିଲେ। ଉକ୍ତ ତାରକୁ ଟେକୁଥିବାବେଳେ ହଠାତ୍ ତାଙ୍କୁ ବିଦ୍ୟୁତ୍ ଆଘାତ ହୋଇଥିଲା। ସେ ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିବାବେଳେ ପରିବାର ଲୋକେ ତାଙ୍କୁ ସଂଗେ ସଂଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମହିମା ଅଲେଖ ଟୁଙ୍ଗିର ବାର୍ଷିକ ଉତ୍ସବ ପ୍ରସ୍ତୁତି



ଟାଙ୍ଗୀ, ୪।୫(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ କଉଡ଼ିଆପଡ଼ା ଗ୍ରାମରେ ଥିବା ମହିମା ଅଲେଖ ଟୁଙ୍ଗିର ବାର୍ଷିକ ଉତ୍ସବ ନିମନ୍ତେ ସାଧୁ ବାବା ଶୁକଦେବ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରଜ ସଂକ୍ରାନ୍ତି ୧୫ତାରିଖ ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଅଖଣ୍ଡ ଧ୍ୱନି ସହ ଭଜନ ସମାରୋହ ହେବ। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ମହିମା ସାଧୁ ବାଞ୍ଛା।ନିଧି ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବାବା ଶୁକଦେବ ଦାସ ସୂଚନା ଦେଇଛନ୍ତି। ଏଥିରେ ଗ୍ରାମର ଇନ୍ଦ୍ରମଣି ମହାରଣା, ବିରବର ମହାରଣା, କୈଳାସଚନ୍ଦ୍ର ବେହେରା, ତ୍ରିନାଥ ମହାରଣା, ସୁରେନ୍ଦ୍ର ମହାରଣା, ମୁରଲୀଧର ମହାରଣା, ଶିବ ପାତ୍ର, ସୋମନାଥ ବେହେରା ଓ ସମାଜସେବୀ ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦାନ କରିଥିଲେ।



# ଭୁବନେଶ୍ୱର ସିଟି



## ଲିଙ୍ଗରାଜ ପାର୍କିଂ ରସିଦ୍‌କୁ ନେଇ ବଢୁଛି ବିବାଦ

# ଫିଁ' ଆଦାୟକୁ ନେଇ ହେବ ଜେଡିସିସ୍ତରୀୟ ତଦନ୍ତ

ଭୁବନେଶ୍ୱର, ୪।୬(ସମିସ):

ରାଜଧାନୀରେ ପାର୍କିଂ ପର୍ଚିକୁ ନେଇ ବଢୁଛି ବିବାଦ। ପାର୍କିଂ ଫି ଆଦାୟ କରୁଥିବା ଏଜେନ୍ସିଗୁଡ଼ିକ ଲୋକଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟରୁ ଅଧିକ ଫି ଆଦାୟ କରୁଛନ୍ତି। ମନଇଚ୍ଛା ଟଙ୍କା ଜୁଲମ୍ କରୁଛନ୍ତି। ଅନେକ ସମୟରେ ରସିଦ୍ ନ ଦେଇ ବି ଟଙ୍କା ନେଇ ଯାଉଛନ୍ତି। ଏସବୁକୁ ପ୍ରତିବାଦ କଲେ ଲୋକଙ୍କୁ ଓଲଟା ଗାଳିଗୁଲଜ କରାଯାଉଛି। ବିଏମ୍‌ସି ଠାରୁ ଟେଣ୍ଡର ହାତେଇଥିବା ଏହି ଏଜେନ୍ସିଗୁଡ଼ିକ ବିରୋଧରେ ନିୟମିତ ଭାବେ ଲୋକଙ୍କ ଅଭିଯୋଗ ଫର୍ଦ୍ଦ ଲମ୍ବିବାରେ ଲାଗିଛି। ସେପଟେ ଏଜେନ୍ସିଗୁଡ଼ିକ ବିଏମ୍‌ସିର ନିୟମ ମାନୁଛନ୍ତି କି ନ ଥିବା, ବିଏମ୍‌ସିର ସର୍ତ୍ତ ମୁତାବକ ପରିଚାଳିତ ହେଉ ନ ଥିବା ଅଭିଯୋଗ ହେଉଛି। ଦୁଇ ଚକିଆ, ଚାରି ଚକିଆ ଏବଂ ବସ ପାଇଁ ବିଏମ୍‌ସି ଯଥାକ୍ରମେ ୫, ୧୦, ୫୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ପ୍ରକୃତପକ୍ଷେ ସେତିକି ଟଙ୍କା ଆଦାୟ ହେଉଛି କି ତାହା ଠାରୁ ଅଧିକ ଆଦାୟ ହେଉ ହେଉଥିବା କୁହାଯାଉଛି। ଯାହା ଫଳରେ ଏଜେନ୍ସି ମନମାନୀ ବଢୁଛି, ଲୋକେ ହଇରାଣ ହେବା ସହ ଏଜେନ୍ସ କର୍ମଚାରୀଙ୍କ ଆକ୍ରୋଶର ଶିକାର ହେଉଥିବା ଜଣାପଡ଼ିଛି। ବିଏମ୍‌ସି କେବଳ ପାର୍କିଂ ଫି ଆଦାୟ କରିବାକୁ ଟେଣ୍ଡର୍ ଡାକିବା ପରେ ସେମାନଙ୍କୁ ଲାଇସେନ୍ସ ଦେଇ ଚୁପ୍ ବସିଯାଉଥିବା ଭଳି ଅଭିଯୋଗ ମଧ୍ୟ ହେଉଛି।




ସୋମବାର ଲିଙ୍ଗରାଜ ମନ୍ଦିର ଦର୍ଶନ କରିବାକୁ ଆସିଥିବା ଜଣେ ଭକ୍ତ ଲିଙ୍ଗରାଜ ପାର୍କିଂରେ ଗାଡ଼ି ଭର୍ତ୍ତି କରିଥିଲେ। ଏଠାରେ ସେ କେଉଁଠି ଗାଡ଼ି ପାର୍କିଂ କରିବେ ସେ ସମ୍ପର୍କରେ ବତାଇ ଦେବାକୁ କେହି ନ ଥିଲେ। ଏହା ସହ ତାଙ୍କୁ ଆରମ୍ଭରୁ ୫୦ ଟଙ୍କାର ଏକ ପର୍ଚି ଧରାଇ ଦିଆଗଲା। ଏଥିରେ ସମୟ ବି ଲେଖା ଯାଇ ନ ଥିଲା। କାହାର ଦସ୍ତଖତ ବି ନ ଥିଲା। ଏହାକୁ ନେଇ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଅଭିଯୋଗ କରିବାରୁ ତାଙ୍କ ସହ ପାଟିତୁଣ୍ଡ କରାଯାଇଥିଲା। ସୋସିଆଲ ମିଡିଆରେ ପାର୍କିଂ ପର୍ଚିକୁ ନେଇ ପ୍ରତ୍ୟେକ ମାସରେ ଏଭଳି ମାଳ ମାଳ ଅଭିଯୋଗ ହୋଇଛି। ସେପଟେ ଏହି ଘଟଣାକୁ ନେଇ ବିଏମ୍‌ସି ପକ୍ଷରୁ ଜେଡିସିସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯିବ। ଅଭିଯୋଗ ପ୍ରମାଣିତ ହେଲେ ପାର୍କିଂ ଫି ଆଦାୟ କରୁଥିବା ଏଜେନ୍ସି ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ପ୍ରତ୍ୟେକ ପାର୍କିଂସ୍ଥଳରେ ବିଭିନ୍ନ ଯାନଗୁଡ଼ିକ ପାଇଁ ନିର୍ଦ୍ଧାରିତ କରାଯାଇଥିବା ମୂଲ୍ୟକୁ ବୋର୍ଡ କିମ୍ବା ବ୍ୟାନର୍ ମାଧ୍ୟମରେ ପ୍ରଦର୍ଶିତ କରାଯିବା ଆବଶ୍ୟକ। ହେଲେ ଅଧିକାଂଶ ଏଜେନ୍ସି ଏହି ନିୟମକୁ ମାନୁନାହାନ୍ତି। ସ୍ମାର୍ଟ ଜନପଥରେ ପିଓଏସ୍‌ରେ ଫି' ଆଦାୟ ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ମେସିନ୍ ଖରାପ ଦର୍ଶାଇ ପର୍ଚି ଦେଇ ପାର୍କିଂ ଫି ଆଦାୟ କରୁଛନ୍ତି। ସୂଚନାଯୋଗ୍ୟ, ସହର ଭିତରେ ବିଏମ୍‌ସି ଦ୍ୱାରା ମୋଟ ୩୯ଟି ପାର୍କିଂ ଲଟ୍ ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ୧୫ରୁ ୨୦ଟି ପାର୍କିଂ ଲଟ୍ ବର୍ତ୍ତମାନ କାର୍ଯ୍ୟକାରୀ କରୁଛି।

### ସମୟଭିତ୍ତିକ ବର୍ଦ୍ଧିତ ପାର୍କିଂ ଫି'କୁ ନେଇ ବଢୁଛି ଦ୍ୱନ୍ଦ୍ୱ

ସମୟଭିତ୍ତିକ ବର୍ଦ୍ଧିତ ପାର୍କିଂ ଫିକୁ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ଏଜେନ୍ସି ଏବଂ ଲୋକଙ୍କ ଏଥିପାଇଁ କଥା କଟାକଟି ହେଉଛି। ଏହାକୁ ଢାଲକରି ଏଜେନ୍ସିଗୁଡ଼ିକ ଲୋକଙ୍କ ଠାରୁ ଅଧିକ ଫି' ଆଦାୟ କରୁଥିବା ଅଭିଯୋଗ ହେଉଛି। ବିଏମ୍‌ସି ନିୟମ ଅନୁଯାୟୀ, ଯଦି ଗୋଟିଏ କାର୍ ୨ ଘଣ୍ଟାରୁ ଅଧିକ ସମୟ ଗାଡ଼ି ପାର୍କିଂ କରେ, ତେବେ ୨୦ ଟଙ୍କା ପରିବର୍ତ୍ତେ ୪୦ ଟଙ୍କା ଦେବାକୁ ପଡ଼ିବ। ସେହିପରି ୩ ଘଣ୍ଟାରୁ ଅଧିକ ହେଲେ ଆହୁରି ଅଧିକ ଟଙ୍କା ଦେବାକୁ ପଡ଼ିବ। ଲୋକେ ବେଳେ ବେଳେ ୨ ଘଣ୍ଟାରୁ ଅଧିକ ସମୟ ଗାଡ଼ି ପାର୍କିଂ କରି କମ୍ ସମୟ ବୋଲି ଦାବି କରୁଛନ୍ତି। ସେହିପରି ଏଜେନ୍ସି ଦୁଇ ଘଣ୍ଟା ପୂର୍ବରୁ ବର୍ଦ୍ଧିତ ଦର ଲାଗୁ କରି ଲୋକଙ୍କୁ ହଇରାଣ କରୁଛନ୍ତି। ବିଏମ୍‌ସିର ସମୟଭିତ୍ତିକ ବର୍ଦ୍ଧିତ ପାର୍କିଂ ବ୍ୟବସ୍ଥାକୁ ହଟାଇ ସିଙ୍ଗିଲ ଟାଇମ୍ ଫି' ଆଦାୟ କରୁ। ଫଳରେ ରାଜଧାନୀରେ ପାର୍କିଂ ଫିକୁ ନେଇ ବଢୁଥିବା ବିବାଦ ବହୁ ମାତ୍ରାରେ କମିଯିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।



ନିର୍ମାଣାଧୀନ ରଥ ଚକଗୁଡ଼ିକୁ ପ୍ରଚଣ୍ଡ ଖରାରୁ ରକ୍ଷା ନିମନ୍ତେ ଅଖାରେ ଘୋଡ଼ାଯାଇଛି

## ଶ୍ରୀମନ୍ଦିରରେ ଟଳିପଡ଼ିଲେ ସାଧୁ

**ମୃତ ଘୋଷଣା କଲେ ଡାକ୍ତର**

ପୁରୀ, ୪।୬(ସମିସ): ମହାପ୍ରଭୁଙ୍କ ଦର୍ଶନ କରିବାକୁ ଇଚ୍ଛା ଥିଲା। ତେଣୁ ପରିଣତ ବୟସରେ ପୁରୀ ଆସିଥିଲେ। ଠାକୁରଙ୍କୁ ଦର୍ଶନ କରି ତାଙ୍କ ଇଚ୍ଛା ପୂରଣ କଲେ। ହେଲେ ଏହି ଦର୍ଶନ ଥିଲା ତାଙ୍କର ଶେଷ ଦର୍ଶନ। ହଠାତ୍ ବାଇଶିପାହାଚରେ ଅଚେତ ହୋଇପଡ଼ିଗଲେ ଗୁଜୁରାଟର ଚେତନ ଦାସ (୮୫)। ତାଙ୍କୁ ତୁରନ୍ତ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଅନ୍ୟ ଜଣେ ସାଧୁଙ୍କ ସହ ସେ ପୁରୀ ଆସିଥିଲେ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସେମାନେ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ଭିଡ଼ ଭିତରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ଉଭୟେ ବାହାରକୁ ଆସୁଥିଲେ। ହେଲେ ବାଇଶିପାହାଚରେ ହୋଇଥିବା ତୁରନ୍ତ ଶ୍ରୀମନ୍ଦିର କର୍ମଚାରୀ ତାଙ୍କୁ ବାହାରକୁ ନେଇ ଆସିଥିଲେ। ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବନକଲାଗି ପାଇଁ ସାଢ଼େ ୩ ଘଣ୍ଟା ଦର୍ଶନ ବନ୍ଦ ରହିବ

ପୁରୀ, ୪।୬(ସମିସ): ଶ୍ରୀମନ୍ଦିରରେ ବୁଧବାର ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଆପାତତଃ ସନ୍ଧ୍ୟା ୭ଟାରୁ ରାତି ସାଢେ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ।

## ପଲିଥିନ୍ ବ୍ୟବହାର ହ୍ରାସ ପାଇଁ ଅଭିନବ ପ୍ରୟାସ

# ପୁରୁଣା ପୋଷାକରେ ପ୍ରସ୍ତୁତ ବ୍ୟାଗ୍ ଉପହାର

**ଆଜି ବିଶ୍ୱ ପରିବେଶ ଦିବସ**



ଭୁବନେଶ୍ୱର, ୪।୬(ସମିସ): ସମ୍ପ୍ରତି ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟାଗ୍‌ର ବିଷ ବଳୟରେ ସାରା ବିଶ୍ୱ। ଜଳ, ସ୍ଥଳ, ଆକାଶ ଓ ବାୟୁମଣ୍ଡଳ ଜହର ହେବାରେ ଲାଗିଛି। କେବଳ ମନୁଷ୍ୟ ନୁହେଁ, ସମଗ୍ର ପ୍ରାଣୀଜଗତ ବିଲୁପ୍ତ ପଥରେ ଦ୍ରୁତ ରୂପେ ଆଗେଇ ଚାଲିଛି। ଏଥିରୁ ମୁକୁଳିବା ପାଇଁ ବିଶ୍ୱସ୍ତରରେ ସଚେତନତା କରାଯାଉଥିବା ବେଳେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ। ଦିନକୁ ଦିନ ପଲିଥିନ୍, ପ୍ଲାଷ୍ଟିକ୍‌ର ମାତ୍ରାଧିକ ବ୍ୟବହାର ଯୋଗୁଁ ଜଳବାୟୁ ପରିବର୍ତ୍ତନ ଉପରେ ଏହାର କୁ-ପ୍ରଭାବ ପଡୁଛି। ଏଥିଯୋଗୁଁ ପରିବେଶବିତ୍, ପରିବେଶ ବିଜ୍ଞାନୀଙ୍କ ଚିନ୍ତା ବଢ଼ିଛି। ପରିବେଶକୁ ସୁରକ୍ଷା ଦେବା ପ୍ରତିଟି ବ୍ୟକ୍ତିଙ୍କ ଦାୟିତ୍ୱ। ଏଥିପାଇଁ ପରିବେଶବିତ୍ ସୁଶାନ୍ତ ସାହୁ ନିଆରା ଭାବେ ଲୋକଙ୍କୁ ସଚେତନ କରାଉଛନ୍ତି। ଜଳବାୟୁ ପରିବର୍ତ୍ତନ ଜ୍ୱାଳାରୁ ମୁକ୍ତି ଓ ପଲିଥିନ୍ ବ୍ୟାଗର ବ୍ୟବହାରକୁ ହ୍ରାସ ଓ ପରିବେଶକୁ ସୁରକ୍ଷା ଦେବାପାଇଁ କିଛି ବର୍ଷ ହେଲା ନିଜ ଘରର ପୁରୁଣା ଚିରାଫଟା ପ୍ୟାଣ୍ଟ-ସାର୍ଟ, ଜିନ୍ସକୁ ନେଇ ନୂଆ ରୂପ ଦେଉଛନ୍ତି। ଏହି ପୁରୁଣା ପୋଷାକକୁ ବିଭିନ୍ନ ଟେଲରରେ ସିଲାଇ କରି ସେଥିରୁ ଆକର୍ଷଣୀୟ ବ୍ୟାଗ୍ ତିଆରି କରୁଛନ୍ତି। ଏହି ବ୍ୟାଗ୍ ଗୁଡ଼ିକ ନିଜ ବନ୍ଧୁ, ସମ୍ପର୍କୀୟଙ୍କୁ ଉପହାର ଦେଉଛନ୍ତି। ଏହାଦ୍ୱାରା ଆମେ ବହୁମାତ୍ରାରେ ପଲିଥିନ୍ ବ୍ୟବହାରକୁ କମାଇ ପାରିବା ବୋଲି ସୁଶାନ୍ତ କହିଛନ୍ତି। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ଘରେ ରହିଥିବା ପୁରୁଣା ପୋଷାକରେ କପଡ଼ା ବ୍ୟାଗ୍ ତିଆରି କରି ବ୍ୟବହାର କରିବାକୁ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି।

# କାଲି ସାବିତ୍ରୀ ବ୍ରତ; ଫଳଦର ଆକାଶଛୁଆଁ



ଭୁବନେଶ୍ୱର, ୪।୬(ସମିସ): ଆଉ ଦିନକ ପରେ ସାବିତ୍ରୀ ବ୍ରତ। ଏଥିପାଇଁ ଫଳ ଦର ଆକାଶ ଛୁଆଁ ହୋଇଛି। ପୂର୍ବାପେକ୍ଷା ପ୍ରତି ଫଳ କିଲୋ ପିଛା ଦର ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଓଡ଼ିଆ ଘରର ବିବାହିତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଏହି ବ୍ରତ କରୁଥିବା ପରମ୍ପରା କାହିଁ କେଉଁ କାଳରୁ ରହି ଆସିଛି। ଆଧୁନିକତାର ଚାକଚକ୍ୟ ଜୀବନଶୈଳୀ ଭିତରେ ବି ପରମ୍ପରାକୁ ବାଦ୍ ଦେଇ ନାହାନ୍ତି ଓଡ଼ିଆ ଘରର ବିବାହିତ ମହିଳା। ସତୀ ସାବିତ୍ରୀ ଏହି ବ୍ରତ କରି ନିଜ ସ୍ୱାମୀଙ୍କୁ ଯମ ନିକଟରୁ ଫେରାଇ ଆଣିଥିବା ବିଶ୍ୱାସରେ ଏହି ବ୍ରତ ପାଳନ କରାଯାଏ। ଏହି ବ୍ରତରେ ନୂଆ ବସ୍ତ୍ର, ଶଙ୍ଖା, ସିନ୍ଦୂର ସମେତ ଭଳି କି ଭଳି ଫଳ ପୂଜା କରାଯାଇଥାଏ। ତେଣୁ ପ୍ରତିବର୍ଷ ସାବିତ୍ରୀ ବ୍ରତ ପାଇଁ ଚଢ଼ା ଦରରେ ଫଳ ବିକ୍ରି ହେଉଥିବା ଦେଖିବାକୁ ମିଳେ। ତେବେ ଚଳିତ ବର୍ଷ ସାବିତ୍ରୀ ପାଇଁ ଫଳ ଠାରୁ ଆରମ୍ଭ କରି ଶାଢ଼ି ଦୋକାନ ପର୍ଯ୍ୟନ୍ତ ସବୁଠି ଲାଗି ରହିଛି ଭିଡ଼। ଓଡ଼ିଆ ପରମ୍ପରାର ଏହି ପର୍ବ ପାଇଁ ବଜାରରେ ୧୫ଦିନ ଆଗରୁ ଭିଡ଼ ଆରମ୍ଭ ହୋଇଗଲାଣି। ବଜାରରେ ଆମ୍ବ କିଲୋ ପିଛା ଶହେରୁ ୧୨୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଲିଚୁ କେଜି ୧୫୦ଟଙ୍କା, ସପୁରୀ-୪୦ରୁ ୫୦ଟଙ୍କା, ସେଓ ୧୫୦ରୁ ୨୦୦ଟଙ୍କା, ଡାଳିମ୍ବ କେଜି ପ୍ରତି ୧୫୦-୨ଶହ ଟଙ୍କା, ଅଙ୍ଗୁର କେଜି ଶହେ ଓ ନଡ଼ିଆ ଗୋଟା ୩୦-୩୫ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଖଜୁରୀ, ସପେଟା, ଆଖୁ ଆଦିର ଦର ମଧ୍ୟ ବୃଦ୍ଧି ପାଇଥିବା ବ୍ୟବସାୟୀମାନେ କହିଛନ୍ତି। ସାବିତ୍ରୀ ପାଇଁ ବିଭିନ୍ନ ପୂଜା ସାମଗ୍ରୀ ଦୋକାନରେ ବି ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଏହାସହ ରାସ୍ତାକଡ଼ରେ ଉଠା ବ୍ୟବସାୟୀମାନେ ଶଙ୍ଖା, ସିନ୍ଦୂର, ଗୁଆ ଆଦି ସାବିତ୍ରୀ ପ୍ୟାକେଜ୍ ବିକ୍ରି କରୁଥିବା ଦେଖିବାକୁ ମଳିଛି। ଯାହାର ଦାମ୍ ୩୦-୫୦ଟଙ୍କା ରହିଛି।







୭୦ ଟଙ୍କାରୁ ଦେଢ଼ଶହରେ ମିଳୁଛି ଭୋଜନ

# ରେସ୍ତୋରାଁ ନୁହେଁ; ୮୪ ମନ୍ଦିରରେ ଆହାର ମହକ

ଭୁବନେଶ୍ୱର, ୪।୬(ସମିସ): ଶୀତତାପ ନିୟନ୍ତ୍ରିତ କୋଠରିରେ ଚଉକୀରେ ବସି ଖାଇବାର ବ୍ୟବସ୍ଥା ନାହିଁ କି ପରଷିବା ପାଇଁ ହୋଟେଲ୍ ମ୍ୟାନେଜମେଣ୍ଟ ପାଠ ପଢ଼ିଥିବା ତରୁଣ ଅବା ତରୁଣୀ ନାହାନ୍ତି। ଏସବୁ ସତ୍ତ୍ୱେ ବିନା ଏସିରେ ଚଟାଣରେ ବସି ସାତ୍ତ୍ୱିକ ଭୋଜନର ମଜା ନେଇପାରୁଛନ୍ତି ରାଜଧାନୀବାସୀ। ଆମେ କୌଣସି ରେସ୍ତୋରାଁ କିମ୍ବା ତାରକା ହୋଟେଲ କଥା କହୁନୁ, ରାଜଧାନୀ ଗଳିକନ୍ଦିରେ ଥିବା ମନ୍ଦିରଗୁଡ଼ିକରେ ପ୍ରସାଦ ସେବନ ବିଷୟରେ କହୁଛି। ରାଜଧାନୀର ୮୪ଟି ବିଭିନ୍ନ ମନ୍ଦିରେ ଏଭଳି ପ୍ରସାଦ ସେବନ ବ୍ୟବସ୍ଥା ରହିଛି ବୋଲି କହିଛନ୍ତି ଗଙ୍ଗନଗର ରଘୁନାଥ ମନ୍ଦିରର ମୁଖ୍ୟ ପୂଜକ ଜ୍ଞାନ ଭାଇନା।

ଭୁବନେଶ୍ୱରର ଛକ ହେଉ ଅବା ଗଳିକନ୍ଦିରେ ଥିବା ଛୋଟ ବଡ଼ ମନ୍ଦିରଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପାଇଁ ଭିଡ଼ ଦେଖିବାକୁ ମିଳୁଛି। ଗୋଟିଏ ଜାଗାରେ ଏକାଠି ଚଟାଣରେ ବସି ସବୁ ବର୍ଗର ଲୋକେ ପ୍ରସାଦ ସେବନ କରିପାରୁଛନ୍ତି। ଥାଳି ବଦଳରେ ପତ୍ରରେ ପରଷା ଯାଉଛି ଆରୁଆ, ଡାଲମା, ବେସର, ଖଟା, ଖିରି, ଶାଗ, ପୋଟଳ ରସା, ପୋଟଳ କୁମ୍ଭା, ପନିର, କାନିକା, ଖେଚୁଡ଼ି, ଚିପ୍ସି, ପରି କେତେ ପ୍ରକାର ବ୍ୟଞ୍ଜନ। ଏହିଭଳି ଭୁବନେଶ୍ୱରର ଖଣ୍ଡଗିରିର ଜଗନ୍ନାଥ ମନ୍ଦିର, ମଙ୍ଗଳା ମନ୍ଦିର, ବରମୁଣ୍ଡାର କାଳୀ ମନ୍ଦିର, କୋଳଥିଆ ହନୁମାନ ମନ୍ଦିର, ସିଆର୍‌ପି ଛକରେ ଥିବା ଗଣେଶ ମନ୍ଦିର, ଓୟୁଏଟିର ରାଧାକୃଷ୍ଣ ମନ୍ଦିର, ଗଙ୍ଗ ନଗରର ରଘୁନାଥ ମନ୍ଦିର, ଏଜି ଛକ ଜଗନ୍ନାଥ ମନ୍ଦିର, ପଟିଆ ସାଇ ମନ୍ଦିର, ସହିଦ ନଗର ବିଷ୍ଣୁ ମନ୍ଦିରରେ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ପ୍ରସାଦ ଦର ୭୦ ଟଙ୍କାରୁ ଆରମ୍ଭ କରି ଦେଢ଼ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ୭୦ ଟଙ୍କାରେ ଅନ୍ନ, ଡାଲମା, ବେସର, ଶାଗ, ଆମ୍ବିଲ ରାଇ(ଖଟା) ଖିରି ମିଳୁଥିବା ବେଳେ ସ୍ପେଶାଲ୍ ପାର୍ସଲ ନେଲେ ଅଧିକ ୧୦ ଟଙ୍କା ଦେବାକୁ ପଡ଼ିଥାଏ। ଯେଉଁଥିରେ ଗୋଟେ ଦୁଇଟା ସ୍ପେଶାଲ ବ୍ୟଞ୍ଜନ ରହିଥାଏ। ଯାହାର ଦାମ ରହିଛି ୮୦ ଟଙ୍କା। ଆଉ କିଛ ମନ୍ଦିରରେ ପ୍ରସାଦ ଦର ୧୦୦ ରୁ ୧୫୦ ଟଙ୍କା ରହିଛି। ଏହିଭଳି ଗୋଟିଏ ଗୋଟିଏ ମନ୍ଦିରରେ ପ୍ରତିଦିନ ୪୦ ରୁ ୫୦ ଜଣ ପ୍ରସାଦ ସେବନ କରୁଥିବା ବେଳେ ପ୍ରାୟ ୬୦ ଜଣ ପାଇଁ ପାର୍ସଲ ବିକ୍ରି ହେଉଛି। ସଂକ୍ରାନ୍ତି ଓ ଅନ୍ୟ ପୂଜାପର୍ବରେ ୨୦୦ରୁ ଅଧିକ ଲୋକଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ ହୋଇଥାଏ। ବିନା ପିଆଜ ରସୁଣ ସାଙ୍ଗକୁ ସୁହାଇଲା ଭଳି ଦର ରହିଥିବାରୁ ପୂଜାପର୍ବରେ ଲୋକେ ଘରେ ରୋଷେଇ ନ କରି ଏଠାରେ ପ୍ରସାଦ ସେବନ କରିଥାନ୍ତି। ବିଶେଷକରି ବିଭିନ୍ନ ମନ୍ଦିର ନିକଟରେ ଥିବା ସରକାରୀ, ବେସରକାରୀ ସଂସ୍ଥାର କର୍ମଚାରୀମାନେ ଏଭଳି ପ୍ରସାଦ ସେବନାକୁ ପସନ୍ଦ କରୁଛନ୍ତି।



ଅପରପକ୍ଷେ ବିବାହ, ବ୍ରତଘର, ଜନ୍ମଦିନ ପାଇଁ ମଧ୍ୟ ମନ୍ଦିରରୁ ଏଭଳି ସାତ୍ତ୍ୱିକ ଭୋଜନ ପାଇଁ ଅର୍ଡର ଦେଇଥାନ୍ତି। ସବୁଠାରୁ ବଡ଼କଥା ହେଉଛି କେବେ ଯଦି ପ୍ରସାଦ ବିକ୍ରି ନ ହୋଇ ବଳିଯାଏ ତେବେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ତାକୁ ନିକଟସ୍ଥ ବସ୍ତିଗୁଡ଼ିକରେ ବାଣ୍ଟି ଦିଆଯାଏ ବୋଲି ଓୟୁଏଟି ଛକ ରାଧାକୃଷ୍ଣ ମନ୍ଦିରର ପ୍ରସାଦ ସେବନ ଦାୟିତ୍ୱରେ ଥିବା ମନୋଜ ବିଶ୍ୱାଳ କୁହନ୍ତି। ବରମୁଣ୍ଡା କାଳୀ ମନ୍ଦିରର ପ୍ରସାଦ ଦାୟିତ୍ୱରେ ଥିବା ଆକାଉଣ୍ଟର କ୍ୟାସିୟର୍ ରାମଚନ୍ଦ୍ର ମିଶ୍ର କୁହନ୍ତି ଏହି ପ୍ରସାଦ ବିକ୍ରି ଦ୍ୱାରା ମନ୍ଦିରର କମିଟିକୁ ଦୁଇ ପଇସା ମିଳିବା ସହିତ ମନ୍ଦିରର ପରିଚାଳନା ମଧ୍ୟ ହୋଇପାରୁଛି। କାଳୀ ମନ୍ଦିରରେ ପ୍ରସାଦ ସେବନ କରୁଥିବା ଜଣେ ଭକ୍ତ କୁହନ୍ତି ଆମେ ପ୍ରତି ମାସରେ ବାଲେଶ୍ୱରରୁ ଭୁବନେଶ୍ୱର ଡାକ୍ତରଖାନାକୁ ଆସୁଛୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ। ବାର ଅବାର ରହୁଛି ବାହାରେ ଖାଇବା ସମ୍ଭବ ନୁହେଁ। ବସଷ୍ଟାଣ୍ଡ ବି ପାଖରେ ସେଥିପାଇଁ ଯେତେବେଳେ ବି ଭୁବନେଶ୍ୱର ଆସୁଛୁ ଏହି ମନ୍ଦିରରେ ପ୍ରସାଦ ସେବନ କରି ଫେରୁଛୁ ବୋଲି ସେ କହିଛନ୍ତି।





■ ସେୟାର ମାର୍କେଟିଂ ଆଳରେ ୧୨କୋଟି ଠକେଇ ମାମଲା

# ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ପଶ୍ଚିମବଙ୍ଗ ଗଲା ସ୍ପେଶାଲ ଟିମ୍

ଭୁବନେଶ୍ୱର, ୪।୬(ସମିସ): ସେୟାର ମାର୍କେଟିଂ ଆଳରେ ୧୨କୋଟିରୁ ଉର୍ଦ୍ଧ୍ୱ ଠକେଇ ମାମଲାରେ ମାଷ୍ଟରମାଇଣ୍ଡ ଜିଆଜୁର ରହମାନ ପଶ୍ଚିମବଙ୍ଗରେ ଲୁଚିଛନ୍ତି। ତାଙ୍କୁ ଧରିବା ପାଇଁ ଇଓଡବ୍ଲ୍ୟୁର ଏକ ସ୍ପେଶାଲ ଟିମ୍ ପଶ୍ଚିମବଙ୍ଗ ଯାଇଛି। ସେଠାର ସ୍ଥାନୀୟ ପୁଲିସ ସହଯୋଗରେ ଅଭିଯୁକ୍ତକୁ ଧରିବାକୁ ଚଢାଉ କରାଯାଉଥିବା ସୂଚନା ମିଳିଛି। ଏଥିସହ ଟଙ୍କା ଯାଇଥିବା ଆକାଉଣ୍ଟକୁ ଫ୍ରିଜ୍ କରିଛି ତଦନ୍ତକାରୀ ଅଧିକାରୀ। ଠକେଇ ଟଙ୍କା କେଉଁ ସବୁ ଆକାଉଣ୍ଟକୁ ଯାଇଛି ସେନେଇ ମଧ୍ୟ ଯାଞ୍ଚ କରାଯାଉଛି। ଏହି ଠକେଇରେ ଆଉ କେଉଁମାନେ ସାମିଲ ଅଛନ୍ତି ସେନେଇ ମଧ୍ୟ ଖୋଳତାଡ଼ କରାଯାଉଛି। ଠକେଇର ଶିକାର ହୋଇଥିବା ଢେଙ୍କାନାଳର ଅରୁଣ କୁମାର ପଟ୍ଟନାୟକ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ।

**ଏଲ୍‌ଏଫ୍‌ଏସ୍ ବ୍ରୋକିଂ ସଂସ୍ଥା ୫ହଜାର ଲୋକଙ୍କୁ ଠକିଥିଲା**

**ଅଭିଯୁକ୍ତର ଆକାଉଣ୍ଟ ଫ୍ରିଜ୍**

ମାଷ୍ଟରମାଇଣ୍ଡ ନିଜେ ସେୟାର ମାକେଟିଂ ଏବଂ ସୁନା ବ୍ୟବସାୟ କରନ୍ତି ବୋଲି କୁହନ୍ତି। ଏଲ୍‌ଏଫଏସ୍ ବ୍ରୋକିଂ ସଂସ୍ଥା ଲୋକଙ୍କୁ ପ୍ରତିମାସରେ ୨ ପ୍ରତିଶତ ସୁଧ ଦେବାକୁ ପ୍ରଲୋଭନ ଦେଉଥିଲା। ଅଭିଯୁକ୍ତ ଥିବା ଜିଆଜୁର ଏହି ଦୁଇଟି ସଂସ୍ଥାକୁ ନିଜ ଭଉଣୀର ବୋଲି କହୁଥିଲେ। ଏଲ୍‌ଏଫ୍‌ଏସ୍ ବ୍ରୋକିଂ ସଂସ୍ଥା ପୁଣେରେ ପଞ୍ଜିକୃତ ହୋଇଥିବା ବେଳେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଏହାର ବ୍ରାଞ୍ଚ ଅଫିସ୍ ଖୋଲିଥିଲା। ଲୋକଙ୍କୁ ଅତିକମ୍‌ରେ ୨୫ ହଜାର ଟଙ୍କା ଲଗାଇଲେ ପ୍ରତି ମାସରେ ୨ପ୍ରତିଶତ ସୁଧ ମିଳିବ ବୋଲି ସଂସ୍ଥା ଲୋଭ ଦେଖାଇଥିଲା। ଏହି ସଂସ୍ଥାରେ ଯୋଡ଼ିହୋଇଥିବା ସଦସ୍ୟ ଭୁବନେଶ୍ୱର, ଢେଙ୍କାନାଳ, ଭଦ୍ରକ, ଅନୁଗୁଳ ଏବଂ ବାଲେଶ୍ୱରରେ ବୈଠକ କରି ଏଲ୍‌ଏଫ୍‌ଏସ୍ ଏବଂ ପିଏମ୍‌ଏସ୍‌ରେ ଟଙ୍କା ଲଗାଇବା ପାଇଁ କହୁଥିଲେ। ଲୋଭରେ ପଡ଼ି ଲୋକେ ଏହି ସଂସ୍ଥାରେ ଟଙ୍କା ଲଗାଉଥିଲେ। ଏହିଭଳି ଅରୁଣ କୁମାର ପଟ୍ଟନାୟକ ସଂସ୍ଥାରେ ଟଙ୍କା ଲଗାଇ ଠକାମିର ଶିକାର ହୋଇଛନ୍ତି। ସେ ପ୍ରଥମେ ୨୫ ହଜାର ଟଙ୍କା ଲଗାଇଥିଲେ। ପୁଣି ୨୦୨୩ ମେ ୧ତାରିଖରେ ୬ଲକ୍ଷ ୭୫ହଜାର ଟଙ୍କା ସଂସ୍ଥାର ବ୍ୟାଙ୍କ୍ ଆକାଉଣ୍ଟରେ ଜମା କରିଥିଲେ। ବିଶ୍ୱାସ ଜମାଇବା ପାଇଁ ସଂସ୍ଥା ଗୋଟିଏ ମାସରେ ୧୪ହଜାର ଟଙ୍କା ଦେଇଥିଲେ। କିନ୍ତୁ ଏହା ପରେ ଆଉ ସଂସ୍ଥା ମାସକୁ ମାସ ସୁଧ ଟଙ୍କା ଦେବାକୁ ବନ୍ଦ କରି ଦେଇଥିଲା। ଏହିଭଳି ତାଙ୍କର ସମ୍ପର୍କୀୟ ସସ୍ମିତା ଖୁଣ୍ଟିଆ ଏହି ସଂସ୍ଥାରେ ୮ ଲକ୍ଷ ଲଗାଇଥିବା ବେଳେ ପ୍ରକାଶ କୁମାର ୫ଲକ୍ଷ, ପ୍ରଦୀପ କୁମାର ଚାନ୍ଦ, ଡମ୍ବରୁଧର ପଣ୍ଡା, ମନୋଜ ପ୍ରଧାନ, ସତ୍ୟ ମିଶ୍ର, ପୁଷ୍ପାଞ୍ଜଳି ବେହେରା, ଅଞ୍ଜନ କୁମାର ସାହୁ, ଶତ୍ରୁଘ୍ନ ମଲିକ ଏବଂ ଅନ୍ୟମାନେ ୨୦୨୧ରୁ ୨୦୨୨ ମଧ୍ୟରେ ଲକ୍ଷାଧିକ ଟଙ୍କା ଲଗାଇଥିଲେ। ସେମାନେ ମଧ୍ୟ ଏହି କମ୍ପାନୀର ଜାଲରେ ପଡ଼ି ଠକାମିର ଶିକାର ହୋଇଛନ୍ତି।

**ଅର୍ଥ ଆଗରେ ବନ୍ଧାପଡ଼ିଛି ସ୍ୱପ୍ନ**

# ସହାୟତା ଲୋଡ଼ିଲେ ମେଧାବୀ ଛାତ୍ରୀ



ଭୁବନେଶ୍ୱର, ୪।୬(ସମିସ): ମୁଁ ବଡ଼ ହୋଇ ଡାକ୍ତର ହେବାକୁ ଚାହେଁ। ଗରିବ ଅସହାୟମାନଙ୍କ ସେବା କରିବାକୁ ଚାହେଁ। ଏଥିପାଇଁ ମୋତେ ଯେତେ ପରିଶ୍ରମ କରିବାକୁ ପଡ଼ିଲେ ମଧ୍ୟ ମୁଁ କରିବି। ପାଠ ପଢ଼ି ନିଜର ସ୍ୱପ୍ନ ସାକାର କରିବାକୁ ମନରେ ଏଭଳି ଅଜସ୍ର ଆଗ୍ରହ ଥିଲେ ବି ଆର୍ଥିକ ସମସ୍ୟା ଆଗରେ ସବୁକିଛି ଅଟକି ଯାଉଛି। ଆଗକୁ ପଢ଼ିବାକୁ ସାମର୍ଥ୍ୟ ନାହିଁ। ଡାକ୍ତର ପଢ଼ିବାକୁ ମନ ଚାହୁଁଥିଲେ ବି ପରିସ୍ଥିତି କିନ୍ତୁ ଅଲଗା ବାଟକୁ ଟାଣି ନେଉଛି। ଯେଉଁଥିପାଇଁ +୨ରେ ୮୭ ପ୍ରତିଶତ ମାର୍କ ରଖି ମଧ୍ୟ ଆଗକୁ ପଢ଼ିବାକୁ ସାହାସ କି ସମ୍ବଳ ନଥିବାରୁ ଲକ୍ଷ୍ୟ ପଥରୁ ବିଚ୍ୟୁତ ହେବାକୁ ନିଷ୍ପତ୍ତି ନେଉଛନ୍ତି ଖଣ୍ଡଗିରି ବରି ଅଞ୍ଚଳର ଶୁଭଶ୍ରୀ ପ୍ରିୟଦର୍ଶିନୀ ବସ୍ତିଆ।

ଶୁଭଶ୍ରୀ ନିଜ ବାପା, ମା' ଓ ସାନ ଭଉଣୀଙ୍କ ସହ ଖଣ୍ଡଗିରି ବାରିରେ ରୁହନ୍ତି। ବିନା କୋଚିଂରେ ମାଟ୍ରିକ୍‌ରେ ସେ ୯୪ ପ୍ରତିଶତ ମାର୍କ ରଖି ଓ୍ୱାଏଟିରେ ବେସିକ୍ ସାଇନ୍ସ ପଢୁଥିଲେ। ତାହା ବି ବହୁ କଷ୍ଟରେ। କାରଣ ପରିବାରର ଏକମାତ୍ର ରୋଜଗାରିଆ ମଣିଷ ଶୁଭଶ୍ରୀଙ୍କ ବାପା ଦୀର୍ଘଦିନ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ଯାହା ଯେମିତି କରି ଏପର୍ଯ୍ୟନ୍ତ ଝିଅକୁ ପଢ଼ାଇଲେ, କିନ୍ତୁ ଆଗକୁ ପଢ଼ାଇବାକୁ ଆଉ ସମ୍ବଳ ନାହି ବୋଲି ତାଙ୍କ ବାପା କହିଛନ୍ତି। ବାପାଙ୍କ ଜୀବନକାଳର ସଞ୍ଚିତ ଅର୍ଥ ଚିକିତ୍ସା ଓ ପରିବାର ଭରଣପୋଷଣରେ ଶେଷ ହୋଇଯାଇଛି। ଏମିତିକି ନିଜର ଚିକିତ୍ସା ବାବଦକୁ ସାହାରା ପାଲଟିଥିବା ବିଏସ୍‌କେଓ୍ୱାଇ କାର୍ଡରେ ମଧ୍ୟ ୫ଲକ୍ଷ ଟଙ୍କା ଶେଷ ହୋଇ ସାରିଛି। ଟଙ୍କା ନଥିବାରୁ ଚିକିତ୍ସା ତ ଦୂରର କଥା ଔଷଧ ଖାଇବା ବି ବନ୍ଦ କରିଦେଇଛନ୍ତି ଶୁଭଶ୍ରୀଙ୍କ ବାପା। ଏଭଳି ପରିସ୍ଥିତିରେ ଝିଅକୁ ପାଠ ପଢ଼ାଇବା ସମ୍ଭବ ନୁହେଁ ବୋଲି ଶୁଭଶ୍ରୀଙ୍କ ମା' କହିଥିବା ବେଳେ ଶୁଭଶ୍ରୀ ଚାହୁଛନ୍ତି ଆଗକୁ ପଢ଼ି ଡାକ୍ତର ହେବାକୁ। କିନ୍ତୁ ଡାକ୍ତରୀ ପଢ଼ିବାକୁ କେବଳ ପରିଶ୍ରମ ନୁହେଁ ପ୍ରଚୁର ପରିମାଣରେ ଅର୍ଥ ମଧ୍ୟ ଆବଶ୍ୟକ। ଓଳିଏ ଖାଇଲେ ଆର ଓଳିକୁ ଖାଇବା ଚିନ୍ତା କରୁଥିବା ଏହି ପରିବାରର ଗୁଜୁରାଣ ମେଣ୍ଟାଇବାକୁ ସଂଘର୍ଷ ଲାଗି ରହିଛି। ଏହାରି ଭିତରେ ଝିଅର ଡାକ୍ତର ହେବାର ସ୍ୱପ୍ନ ଧୀରେ ଧୀରେ ମଉଳି ଯାଉଛି। କାରଣ ପାଠପଢ଼ା ବାବଦକୁ ଅର୍ଥ ଯୋଗାଇବାକୁ ପରିବାର ପକ୍ଷରେ ସମ୍ଭବ ନୁହେଁ। ତେଣୁ ଘରର ଚାରିକାନ୍ଥ ଭିତରେ ରହି ମନର ଇଚ୍ଛାକୁ ମାରି ଚାଲିଛନ୍ତି ଶୁଭଶ୍ରୀ। ଯଦି ସରକାର ସାହାଯ୍ୟ କରିବେ ତେବେ ମୋ ଝିଅା ଡାକ୍ତର ହେବାର ସ୍ୱପ୍ନ ପୂରଣ ହେବ ବୋଲି ଶୁଭଶ୍ରୀଙ୍କ ବାପା ନିବେଦନ କରିଛନ୍ତି।

**କର୍କଟ ରୋଗରେ ପୀଡ଼ିତ ବାପା**

**ଡାକ୍ତରୀ ପାଠପଢ଼ାରେ ପ୍ରତିବନ୍ଧକ**







ବିଜେବି କଲେଜ ଭୋଟ ଗଣତି କେନ୍ଦ୍ରରେ ଫଳାଫଳ ଅପେକ୍ଷାରେ....

# ଦଶ ଟଙ୍କାରେ ମାଣ୍ଡିଆ ଇଡ୍‌ଲିର ସ୍ୱାଦ




ଭୁବନେଶ୍ୱର, ୪।୬(ସମିସ): ଦିନକୁ ଦିନ ମାଣ୍ଡିଆର ଚାହିଦା ଆଗ ଅପେକ୍ଷା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇଥିଲେ ବି ଲୋକ ଏହାକୁ କିଣିବାରେ ଇଚ୍ଛୁକ ନ ଥିଲେ। ହେଲେ ଗତ କିଛିବର୍ଷ ମଧ୍ୟରେ ଏହାକୁ ଲୋକ ନିଜ ପସନ୍ଦର ଖାଦ୍ୟ ରୂପେ ବାଛିଛନ୍ତି। କେବଳ ଯେ ମାଣ୍ଡିଆକୁ ସାଧାରଣ ଭାବେ ବ୍ୟବହାର କରୁଛନ୍ତି ତାହା ନୁହଁ ବରଂ ଏଥିରେ ପ୍ରସ୍ତୁତ ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟକୁ ମଧ୍ୟ ଆପଣାଇବାରେ ଲାଗିଛନ୍ତି। ଯାହା ସ୍ୱାଦରେ ଯେତେ ନିଆରା ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସେତେ ଉପକରିତା।

ମାଣ୍ଡିଆର ଚାହିଦାକୁ ନଜରରେ ରଖି ବଜାରରେ ବିଭିନ୍ନ ପ୍ରକାର ସ୍ନାକ୍ସ ବିକ୍ରି ହେଲାଣି। ଯାହାକୁ ଲୋକେ ଖୋଜି ଖୋଜି କିଣୁଛନ୍ତି। ବିଶେଷକରି ମାଣ୍ଡିଆ ପାଉଡର, ବିସ୍କୁଟ୍, କେକ୍, ଚକୋଲେଟ୍, କୁକିସ୍, ଝୁରି, ମୁଢୁକିଆ ଦି ବଜାରରେ ମିଳୁଛି। ସ୍ୱାସ୍ଥ୍ୟପ୍ରତି ହିତକର ହୋଇଥିବାରୁ ଘରର ପ୍ରତ୍ୟେକ ବର୍ଗର ଲୋକଙ୍କ ଚାହିଦାରେ ଏସବୁ ଖୋଜା ପଡୁଛି। ସେହିପରି ଏବେ ମାଣ୍ଡିଆରେ ଆହୁରି ମଧ୍ୟ ଖାଦ୍ୟ ବାଜାରେ ପ୍ରସ୍ତୁତ ହେଉଥିବାର ଦେଖିବାକୁ ମିଳୁଛି। ପାତ୍ରପଡ଼ାର ଭଗବାନପୁର ଦେଇଗଲାବେଳେ ବାଟରେ ମାଣ୍ଡିଆରେ ପ୍ରସ୍ତୁତ ଇଡ୍‌ଲି ମଧ୍ୟ ଦେଖିବାକୁ ମିଳୁଛି। କଥାଟା ଅଡୁଆ ଲାଗୁଥିଲେ ବି ସତ। ଆଗରୁ ହୁଏତ ମାଣ୍ଡିଆରେ କେହି କେବେ ଇଡ୍‌ଲି ପ୍ରସ୍ତୁତ କରି ଖାଉନଥିବେ। କିନ୍ତୁ ଏହାର ଚାହିଦା ଆଶା ଅନୁଯାୟୀ ଅଧିକ ରହିଛି ବୋଲି ମାଣ୍ଡିଆ ଇଡ୍‌ଲି ତିଆରି କରି ବିକୁଥିବା ଲିଲି ପ୍ରଧାନ କହିଛନ୍ତି। ସେ ଆହୁରି କୁହନ୍ତି ମାତ୍ର ୩ ମାସ ହେବ ସେ ଏହି ଷ୍ଟଲ୍‌ଟି ଆରମ୍ଭ କରିଥିଲେ। ହେଲେ ମାଣ୍ଡିଆ ଇଡ୍‌ଲିକୁ ଧୀରେ ଧୀରେ ଲୋକ ଏତେ ପସନ୍ଦ କରିବେ ବୋଲି ଭାବି ନଥିଲେ। ସେ ମାଣ୍ଡିଆ ଇଡ୍‌ଲି ସହ ସମ୍ବର ଓ ଚଟଣୀ ଦେଉଛନ୍ତି। ଇଡ୍‌ଲିର ମୂଲ୍ୟ ୧୦ ଟଙ୍କା ରହିଛି। ସ୍ୱାଦରେ ଅନ୍ୟ ବିରି ଚାଉଳ ଇଡ୍‌ଲି ପରି ସମାନ ରହିଛି ଏବଂ ସ୍ୱାସ୍ଥ୍ୟ ପ୍ରତି ଲାଭ ଦାୟକ ମଧ୍ୟ। ବିଶେଷକରି ଖରାଦିନରେ ଏହା ପେଟ ଥଣ୍ଡା ରଖେ ବୋଲି ସେ ଏଭଳି ପ୍ରୟାସ ଆରମ୍ଭ କରିଛନ୍ତି ବୋଲି କୁହନ୍ତି। ଏହା ଛଡ଼ା ତାଙ୍କୁ ସ୍ୱାବଲମ୍ବୀ କରିବାରେ ମଧ୍ୟ ମାଣ୍ଡିଆ ସାହାଯ୍ୟ କରୁଛି। ଲୋକପ୍ରିୟତା ବଢ଼ିବାରୁ ବିକ୍ରି ବି ଭଲ ହେଉଛି। ଦିନକୁ ପାଖାପାଖି ୧୦୦ ରୁ ୧୫୦ ଇଡ୍‌ଲି ବିକ୍ରି ହେଉଛି ବୋଲି ସେ କହିଛନ୍ତି।

**ଗ୍ରାହକଙ୍କ ମତାମତ**

ଆମେ ମାଣ୍ଡିଆର ଖାଦ୍ୟ ଆଗରୁ ଏତେଟା ଖାଉ ନ ଥିଲୁ କାରଣ ଘରେ ପିଲାମାନେ ଏହାକୁ ଖାଇବାକୁ ପସନ୍ଦ କରୁ ନଥିଲେ। ହେଲେ ଏଠାରେ ଯେଉଁ ମାଣ୍ଡିଆ ଇଡ୍‌ଲି ମିଳୁଛି ସ୍ୱାଦ ବି ଭଲ ଲାଗୁଛି ଏବଂ ଏହା ସ୍ୱାସ୍ଥ୍ୟ ପ୍ରତି ଭଲ ବୋଲି ମୁଁ ସବୁବେଳେ ଏଠାକୁ ଆସି ଖାଉଛି।
-ଦୁର୍ଯ୍ୟୋଧନ ପରିଡ଼ା, ଭଗବାନପୁର

ମାଣ୍ଡିଆର ଇଡ୍‌ଲି ହୋଇପାରିବ ବୋଲି ମୁଁ ଜାଣି ନଥିଲି। ହେଲେ ମାଣ୍ଡିଆ ଇଡ୍‌ଲି ଭଲ ସ୍ୱାଦ ଲାଗୁଛି। ମୂଲ୍ୟ ହିସାବରେ ପେଟ ପୂରିଲା ଭଳି ପରିମାଣରେ ବି ମିଳୁଛି।
-ମନସ୍ୱିନୀ ବେହେରା, ଭଗବାନପୁର

# ଶ୍ରୀରାମେଶ୍ୱର ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା



ଭୁବନେଶ୍ୱର, ୪।୬(ସମିସ): ଜୟଦେବ ବିହାରସ୍ଥିତ ଶ୍ରୀରାମେଶ୍ୱର ବରିଷ୍ଠ ନାଗରିକ ସଂଘର ୨୦୨୪-୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ବିଷ୍ଣୁମୋହନ ମହାନ୍ତି, ଉପ-ସଭାପତି ଶାନ୍ତି ବେହେରା, ସମ୍ପାଦକ ଭାବେ ହରିହର ବରାଳ, ସହ ସମ୍ପାଦକ ଭାବେ ଅଜିତ ସାହୁ, ଯୁଗ୍ମ ସମ୍ପାଦକ ଗିରୀଶ୍ ଚନ୍ଦ୍ର ଶତପଥୀ, କୋଷାଧ୍ୟକ୍ଷ ଭାବେ ଜଗଦୀଶ ସାହୁ, ସହକାରୀ କୋଷାଧ୍ୟକ୍ଷ ବଂଶୀଧର ସାହୁ ଏବଂ ଜୟରାମ ସେଠୀ ସମୀକ୍ଷକ ଭାବେ ନିର୍ବାଚିତ ହୋଇଛନ୍ତି। ଏହାବ୍ୟତୀତ ସଂଘର କାର୍ଯ୍ୟକାରୀ ସମିତିକୁ ସଭ୍ୟଭାବେ ରାଜେନ୍ଦ୍ର ପ୍ରସାଦ ରଥ, ପତିତପାବନ ଭଞ୍ଜ, ସତ୍ୟନାରାୟଣ ପଟ୍ଟନାୟକ, ସୁବାସ ଚନ୍ଦ୍ର ବିଶ୍ୱାଳ, କେଦାର ଚନ୍ଦ୍ର ପଟ୍ଟନାୟକ, ରବୀନ୍ଦ୍ର ପଟ୍ଟନାୟକ ଏବଂ ରତିକାନ୍ତ କର ନିର୍ବାଚିତ ହୋଇଛନ୍ତି। ସଂଘର ବରିଷ୍ଠ ସଭ୍ୟ ଫଣୀନ୍ଦ୍ର କୁମାର ମହାନ୍ତି, ନୂତନ କର୍ମକର୍ତ୍ତା ଓ କାର୍ଯ୍ୟକାରୀ ସମିତି ସଭ୍ୟମାନଙ୍କୁ ରବିବାର ଜୟଦେବ ବିହାରସ୍ଥିତ ଡେ'କେୟାର ସେଣ୍ଟରଠାରେ ଶପଥ ପାଠ କରାଇଛନ୍ତି।

**ବାପାଙ୍କ ପରାଜୟର ପ୍ରତିଶୋଧ ନେଲେ !**

# ଜୟନ୍ତଙ୍କୁ ହରାଇଲେ ସୁନୀଲ

ପୁରୀ, ୪।୬(ସମିସ): ବାପାଙ୍କ ପରାଜୟର ପ୍ରତିଶୋଧ ନେଲେ ପୁଅ। ନିର୍ବାଚନ ଫଳାଫଳ ଘୋଷଣା ପରେ ପୁରୀ ସହରରେ ହୋଇଛି ଏମିତି ଚର୍ଚ୍ଚା। କାରଣ ଚଳିତ ନିର୍ବାଚନରେ ଜୟନ୍ତ ଷଡ଼ଙ୍ଗୀଙ୍କୁ ପରାସ୍ତ କରିଛନ୍ତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନୀଲ ମହାନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଜୟନ୍ତ ସୁନୀଲଙ୍କ ବାପା ମହେଶ୍ୱରଙ୍କୁ ପରାସ୍ତ କରିଥିଲେ। ପୁରୀ ଜିଲ୍ଲାର ଏକ ପ୍ରମୁଖ ନିର୍ବାଚନମଣ୍ଡଳୀ ପୁରୀ। ଏହି ଆସନକୁ ହାତେଇବା ଲାଗି ପ୍ରମୁଖ ରାଜନୈତିକ ଦଳ ସବୁବେଳେ ଉଦ୍ୟମ କରିଥାନ୍ତି। ହେଲେ ୧୯୯୫ରୁ ୨୦୧୯ ପ୍ରାୟ ୨୫ବର୍ଷ ଧରି ଏହି ଆସନକୁ ନିଜ କବ୍‌ଜାରେ ରଖିଥିଲେ ଦିବଂଗତ ନେତା ମହେଶ୍ୱର ମହାନ୍ତି। ହେଲେ ୨୦୧୯ ନିର୍ବାଚନରେ ମାତ୍ର ୪, ୦୦୮ ଖଣ୍ଡ ଭୋଟ ବ୍ୟବଧାନରେ ମହେଶ୍ୱରଙ୍କ ହାତରୁ ଏହି ଆସନଟି ଖସି ଯାଇଥିଲା। ରାଜନୀତିରେ ମହେଶ୍ୱରଙ୍କ ଶିଷ୍ୟ ଭାବେ ଜଣାଶୁଣା ଜୟନ୍ତ ଷଡ଼ଙ୍ଗୀ ବିଜେପିରୁ ପ୍ରାର୍ଥୀ ହୋଇ ଜିତିଥିଲେ। ୨୦୨୪ ନିର୍ବାଚନରେ ମହେଶ୍ୱରଙ୍କ ଅବର୍ତ୍ତମାନରେ ମୈଦାନକୁ ଓହ୍ଲାଇଥିଲେ ତାଙ୍କ ପୁଅ ସୁନୀଲ। ସେହିପରି ଦ୍ୱିତୀୟଥର ପାଇଁ ଜୟନ୍ତଙ୍କ ଉପରେ ଭରସା କରିଥିଲା ବିଜେପି। ନିର୍ବାଚନରେ ଦୁଇଜଣଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା। ଶେଷରେ ବାଜି ମାରିଛନ୍ତି ସୁନୀଲ। ସୁନୀଲ ୫, ୩୯୬ ଖଣ୍ଡ ଭୋଟ ବ୍ୟବଧାନରେ ଜୟନ୍ତ ଷଡ଼ଙ୍ଗୀଙ୍କୁ ପରାସ୍ତ କରିଛନ୍ତି। ସୁନୀଲଙ୍କୁ ୭୪, ୪୦୧ ଖଣ୍ଡ ଭୋଟ ମିଳିଥିବା ବେଳେ ଜୟନ୍ତଙ୍କୁ ମିଳିଛି ୬୯, ୦୦୫ ଖଣ୍ଡ ଭୋଟ। ତେବେ ଏହି ଫଳାଫଳକୁ ଦେଖି ବାପାଙ୍କ ପରାଜୟର ପ୍ରତିଶୋଧ ପୁଅ ନେଇଛନ୍ତି ବୋଲି ପୁରୀରେ ଚର୍ଚ୍ଚା ହେଉଛି।

